**ଅବକାରୀ ଚଢ଼ାଉ, ୩ ଗିରଫ**

ବଇଣ୍ଡା,୭।୬(ଡି.ଏନ.ଏ.)- କିଶୋରନଗର ଥାନା ଅଞ୍ଚଳରେ ବୁଧବାର ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ କୁସୁଣୀ ଗ୍ରାମର ଅରୁଣ ସାହୁ, ହିମିତିରା ଗ୍ରାମର ମିନା ବେହେରା ଏବଂ ଖଉଦର ଗ୍ରାମର ପ୍ରେମଲତା ମୁଣ୍ଡାଙ୍କୁ ଗିରଫ କରାଯାଇଛି।

## ସଂକ୍ଷେପରେ

### ଶ୍ରମିକ ନେତା ଦିବାକର ପ୍ରଧାନଙ୍କ ପରଲୋକ

ତାଳଚେର,୭।୬(ନି.ପ୍ର.): ତାଳଚେର କୋଇଲା ଖଣି ସଙ୍ଗଠନର ବର୍ଷିଆନ ଶ୍ରମିକ ନେତା ଦିବାକର ପ୍ରଧାନ (୮୬)ଙ୍କ ମଙ୍ଗଳବାର ରାତି ୯ଟାରେ ଦେଉଳବେଡାସ୍ଥିତ ତାଙ୍କ ସରକାରୀ ବାସଭବନରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ପ୍ରଧାନ ଦୀର୍ଘ ୧୫ ବର୍ଷ ହେବ ଦେଉଳବେଡା କୋଲିୟାରୀରେ ଆଇଏନ୍‌ଟିୟୁସି ସମ୍ପାଦକ ଭାବେ କାର୍ଯ୍ୟ କରି କର୍ମଚାରୀମାନଙ୍କ ପ୍ରିୟଭାଜନ ହୋଇପାରିଥିଲେ। ଚାକିରିରୁ ଅବସର ଗ୍ରହଣ କରିବା ପରେ ମଧ୍ୟ ସେ ଆଇଏନଟିୟୁସି ସହ ଜଡିତ ଥିଲେ। ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ସାଉଥବଲଣ୍ଡାସ୍ଥିତ କେନ୍ଦ୍ରୀୟ ଆଇଏନ୍‌ଟିୟୁସି କାର୍ଯ୍ୟାଳୟରେ ତାଳଚେର କୋଇଲା ଖଣିର ସମସ୍ତ ସମ୍ପାଦକ ଏବଂ ସଭ୍ୟ ନୀରବ ପ୍ରାର୍ଥନା କରିଥିଲେ। ଏଥିରେ ସାଧାରଣ ସମ୍ପାଦକ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ବିଜୟ କୁମାର ଦାସ, ଲଳିତେନ୍ଦୁ ଗଡ଼ନାୟକ, ପ୍ରଫୁଲ୍ଲ ଜୀବନ ରାୟ, ଭାସ୍କର ସାହୁ, ଇନ୍ଦ୍ରଗୋବିନ୍ଦ ପାଢ଼ୀ, ରଘୁନାଥ ସାମଲ, ସୁବ୍ରତ ମାଝି, ଛବୀନ୍ଦ୍ର ବହିଦାର ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

# ଗୋଚର ଜମିକୁ ଜବରଦଖଲ ମୁକ୍ତ ଦାବି



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ରାଣୀଗୋଡ଼ା ଗ୍ରାମବାସୀ।

ଅନୁଗୋଳ ଅଫିସ, ୭।୬

ଅନୁଗୋଳ ଜିଲା ବଁଅରପାଳ ତହସିଲ ଅଧୀନରେ ଥିବା ରାଣୀଗୋଡ଼ା ମୌଜା ଗୋଚର ଜମିକୁ କେତେଜଣ ମୁଷ୍ଟିମେୟ ବ୍ୟକ୍ତି ଜବରଦଖଲ କରିଛନ୍ତି। ଏପରି କି ଉକ୍ତ ଗୋଚର ଜମିରୁ ଅଧେକୁ ବିକ୍ରି କରିଦିଆଯାଇଛି। ସେଠାରେ ଜାଗା କିଣି ଲୋକମାନେ ସ୍ଥାୟୀ ଗୃହ ନିର୍ମାଣ କରିଛନ୍ତି। ଜଣେ ବ୍ୟକ୍ତି ଏହି ଚଞ୍ଚକତା କରି ୧୦ ଏକରରୁ ଅଧିକ ଜମି ନିଜ ଅକ୍ତିଆରକୁ ନେଇଥିବା ରାଣୀଗୋଡ଼ାବାସୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ନେଇ ଜିଲା ପ୍ରଶାସନକୁ ପୂର୍ବରୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଗୋଚର ଜମିକୁ ମାଫିଆମାନେ ଜବରଦଖଲ କରୁଛନ୍ତି। ଉକ୍ତ ଗୋଚର ଜମିକୁ ଜବରଦଖଲ ମୁକ୍ତ କରାଯାଇ ସେଠାରେ ଗ୍ରାମବାସୀଙ୍କ ପାଇଁ ଉନ୍ନୟନ କାର୍ଯ୍ୟ କରିବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏ ନେଇ ଅନୁଧ୍ୟାନ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ସରପଞ୍ଚ ପ୍ରକାଶ ଚନ୍ଦ୍ର ଦେହୁରୀ, ସମିତି ସଭ୍ୟ ଶାନ୍ତନୁ ବେହେରା, ପଞ୍ଚାୟତ ସଭାପତି ରମେଶ ଚନ୍ଦ୍ର ସାହୁ, ବିଧାୟକଙ୍କ ପ୍ରତିନିଧି ବୀରେନ୍ ଦାସ, ପୂର୍ବତନ ସରପଞ୍ଚ ନୀର ସାହୁ ପ୍ରମୁଖଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।

## ସରପଞ୍ଚଙ୍କ ସ୍ୱାମୀଙ୍କ ଅକାଳ ବିୟୋଗ

କଣିହାଁ,୭।୬(ଡି.ଏନ.ଏ.)

କଣିହାଁ ବ୍ଲକ ରେଙ୍ଗାଳି ପଞ୍ଚାୟତର ସରପଞ୍ଚ ପ୍ରଭାତୀ ସେଠୀଙ୍କ ସ୍ୱାମୀ ସୁଶାନ୍ତ ସେଠୀ (୩୮)ଙ୍କ ଅକାଳ ବିୟୋଗ ଘଟିଛି। ଏହି ଖବର ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଇ ଦେଇଛି। ପୋଲିସ କହିଛି, ସୁଶାନ୍ତ ଟିପିସିଓଡିଏଲ ରେଙ୍ଗାଳି ସେକ୍ସନରେ ଲାଇନ ମ୍ୟାନ ଭାବେ କାର୍ଯ୍ୟ କରୁଥିଲେ। ସେ ହାତିଆଦଣ୍ଡା କଲୋନୀର ଏକ ସରକାରୀ କ୍ୱାର୍ଟର୍ସରେ ରହୁଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ସାଙ୍ଗମାନଙ୍କ ସହ ଭୋଜି କରି କ୍ୱାର୍ଟର୍ସକୁ ଫେରିଥିଲେ। ବୁଧବାର ସକାଳୁ ସେ ନିଦରୁ ନ ଉଠିବାରୁ ତାଙ୍କ ସ୍ତ୍ରୀ ପ୍ରଭାତୀ ତୁରନ୍ତ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ସୁଶାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ଅଂଶୁଘାତରେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରି ପ୍ରଭାତୀ ରେଙ୍ଗାଳି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପାଲଲହଡା ପଠାଇ ଦେଇଥିବା ଏସ୍.ଆଇ ସତିଶ କୁମାର ଲେଙ୍କା ପ୍ରକାଶ କରିଛନ୍ତି।

# ଜିଲା ସ୍ୱାସ୍ଥ୍ୟ ବିଭାଗକୁ ପ୍ରଶଂସାପତ୍ର

ଅନୁଗୋଳ ଅଫିସ,୭।୬

ଅନୁଗୋଳ ଜିଲା ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ବିଭାଗକୁ ମିଳିଛି ସଫଳତା। ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ ଅନ୍ତର୍ଗତ ହାଇଡ୍ରୋସେଲେକ୍ଟୋମି ଅସ୍ତ୍ରୋପଚାର କାର୍ଯ୍ୟକ୍ରମରେ ଜିଲା ନିଜର ଲକ୍ଷ୍ୟ ହାସଲ କରିପାରିଥିବାରୁ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ମିଳିଛି ପ୍ରଶଂସାପତ୍ର। ଭୁବନେଶ୍ୱରରେ ଆୟୋଜିତ ଏକ ରାଜ୍ୟସ୍ତରୀୟ ଫାଇଲେରିଆ ନିରାକରଣ ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ଏହି ପ୍ରମାଣପତ୍ର ପ୍ରଦାନ କରିଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ବରିଷ୍ଠ ଅଧିକାରୀଙ୍କ ସମେତ ରାଜ୍ୟସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ ଜିଲା ମ୍ୟାଲେରିଆ ଅଧିକାରୀ ଡା. ପୂର୍ଣ୍ଣିମା ଉଦ୍‌ଗାତା, ପରାମର୍ଶଦାତା ନିରୁପମା ଦାସ ଏହି ପ୍ରମାଣପତ୍ର ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ବିଭାଗ ତରଫରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ହାଇଡ୍ରୋସିଲ ଅସ୍ତ୍ରୋପଚାର ପାଇଁ ଶନିବାର ସ୍କ୍ରିନିଂ ହୋଇଥିବା ବେଳେ ସୋମବାରଠାରୁ ଅସ୍ତ୍ରୋପଚାର ବ୍ୟବସ୍ଥା ହୋଇଆସୁଛି।




ଅନୁଗୋଳ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ପ୍ରଶଂସା ପତ୍ର ପ୍ରଦାନ କରାଯାଉଛି।

# ‘୫-ଟି’କୁ ଆସୁ ଦେବୋତ୍ତର ବିଭାଗ

## ଶ୍ରୀଜଗନ୍ନାଥ ସେବା ପରିଷଦର ଦାବି

ଢେଙ୍କାନାଳ ଅଫିସ, ୭।୬

ଢେଙ୍କାନାଳ ଜିଲା ଦେବୋତ୍ତର ବିଭାଗକୁ ୫-ଟି ଅଧୀନକୁ ଆଣିବାକୁ ଶ୍ରୀଜଗନ୍ନାଥ ସେବା ପରିଷଦ ପକ୍ଷରୁ ଦାବି କରାଯାଇଛି। ଦୀର୍ଘ ୫୦ ବର୍ଷ ହେଲା ଦେବୋତ୍ତର ବିଭାଗ ମୁଖ୍ୟ ଟ୍ରଷ୍ଟି ଭାବେ ଜିଲାପାଳ ଦାୟିତ୍ୱ ନିର୍ବାହ କରି ଆସୁଛନ୍ତି। ହେଲେ ଦେବୋତ୍ତର ବିଭାଗ କର୍ମଚାରୀଙ୍କ ସ୍ୱେଚ୍ଛାଚାରିତା ବଢ଼ିବାରେ ଲାଗିଛି। ନୀତିକାନ୍ତିରେ ଅବ୍ୟବସ୍ଥା ସୁଧୁରୁନାହିଁ। ପୀଠରେ ପ୍ରସ୍ତୁତ ପ୍ରସାଦର ଗୁଣାତ୍ମକମାନ ଠିକ୍ ରହୁନାହିଁ। ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଦେବୋତ୍ତର ବିଭାଗର ପରିଚାଳନା ପାଇଁ ମୁଖ୍ୟ ଟ୍ରଷ୍ଟି ଭାବେ ଜିଲାପାଳ ରହିଥିବାବେଳେ ଦୈନନ୍ଦିନ ଦାୟିତ୍ୱ ପାଇଁ ଉପଜିଲାପାଳ ପାହ୍ୟାର ଜଣେ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି। ବିଭାଗରେ ନିରୀକ୍ଷକ, ମୁଖ୍ୟ ସହାୟକ ଓ ଜିମାଦାର ରହିଛନ୍ତି। ହେଲେ ଦେବାଳୟ ନୀତି ବ୍ୟବସ୍ଥିତ କରିବା, ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ବିଭିନ୍ନ ନିଷ୍ପତ୍ତି ନେବା, ବାର୍ଷିକ ଆୟବ୍ୟୟ ବଜେଟକୁ ସାର୍ବଜନୀନ କରିବା ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଅଣଦେଖା କରାଯାଉଛି। ଦେବୋତ୍ତର ବିଭାଗର ସମୀକ୍ଷା ମଧ୍ୟ ହେଉନାହିଁ। ରାଜ୍ୟ ସରକାର ପ୍ରାଚୀନ ପୀଠଗୁଡ଼ିକର ବିକାଶ ପାଇଁ ବିପୁଳ ଅନୁଦାନ ଦେଉଛନ୍ତି। ଏହି ଅର୍ଥରେ ହେଉଥିବା ବିକାଶ କାର୍ଯ୍ୟର ସମୀକ୍ଷା ପାଇଁ ଦେବୋତ୍ତର ବିଭାଗକୁ ରାଜ୍ୟ ସରକାର ତୁରନ୍ତ ୫-ଟି ଅଧୀନକୁ ଆଣନ୍ତୁ ବୋଲି ଜିଲା ଶ୍ରୀଜଗନ୍ନାଥ ସେବା ପରିଷଦ ପକ୍ଷରୁ ଦାବି କରାଯାଇଛି।

ଏଥିସହ ପ୍ରସିଦ୍ଧ କପିଳାସ ପୀଠ, ସପ୍ତଶଯ୍ୟା ଓ ସିଦ୍ଧ ବଳରାମଜୀଉଙ୍କ ପୀଠର ବିକାଶମୂଳକ କାର୍ଯ୍ୟର ତଥ୍ୟ ସାର୍ବଜନୀନ, ସିଦ୍ଧ ବଳରାମ ମନ୍ଦିର ପରିସରରେ ସ୍ଥାୟୀ ଆଲୋକୀକରଣ, ବଳରାମ ମନ୍ଦିର ପରିସରରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରର ଦଶ ଅବତାର ମୂର୍ତ୍ତି ସ୍ଥାପନ, ମହାପ୍ରଭୁ ବଳରାମଙ୍କ ଶ୍ରୀଭୂଜରେ ଲାଗିଥିବା ବିକୃତ ହଳଆୟୁଧ ପରିବର୍ତ୍ତନ, ମହାପ୍ରଭୁ ଜଗନ୍ନାଥଙ୍କ ମୁକୁଟ ସଫେଇ, ରଥକାଠର ସୁରକ୍ଷା ପାଇଁ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରିବାକୁ ଦାବି କରାଯାଇଛି। ସେହିପରି ୧୯୯୯ରୁ ସାନ ରଥକୁ ମହିଳାମାନେ ଟାଣି ଆସୁଥିବା ବେଳେ ଚଳିତବର୍ଷ ଏହାର ରୌପ୍ୟଜୟନ୍ତୀ ବର୍ଷ। ତେଣୁ ସାନରଥରେ ଆକର୍ଷଣୀୟ କାରୁକାର୍ଯ୍ୟ କରିବା ପାଇଁ ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ, ଉପଦେଷ୍ଟା ଯୁବରାଜ ଅମରଜ୍ୟୋତି ସିଂଦେଓ, ଉପସଭାପତି ତାରାପ୍ରସନ୍ନ ଶତପଥୀ, ସମ୍ପାଦକ ଅଶୋକ କୁମାର ନନ୍ଦ, ସଭ୍ୟ ପହଣ୍ଡି ସେବକ ରମେଶ ଚନ୍ଦ୍ର ପତି, ଆଜୀବନ ସଦସ୍ୟ ବିଶ୍ୱନାଥ ବେହେରା ପ୍ରମୁଖ ଦାବି କରିଛନ୍ତି ।

# କୁକୁଡ଼ା ଚାଷରେ ବେଶି ଲାଭ




କୁକୁଡ଼ା ପାଳନ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ଢେଙ୍କାନାଳ ଅଫିସ, ୭।୬

ଢେଙ୍କାନାଳ ଜିଲା କୃଷି ବିଜ୍ଞାନ କେନ୍ଦ୍ର ଏବଂ ଓଡ଼ିଶା ଖଣିଜ ଧାରକ କ୍ଷେତ୍ର ବିକାଶ ନିଗମର ମିଳିତ ଆନୁକୂଲ୍ୟରେ ୫ଦିନ ଧରି ଚାଲିଥିବା କୁକୁଡ଼ା ପାଳନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ବିମଳେନ୍ଦୁ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ବ୍ୟବସାୟିକଭିତ୍ତିରେ କୁକୁଡ଼ା ପାଳନରେ ଲାଭ ବେଶି। ଏହା ହିତାଧିକାରୀଙ୍କୁ ସ୍ୱାବଲମ୍ବୀ ହେବାରେ ସହାୟକ ହୋଇଥାଏ। ଶିବିରରେ କୁକୁଡା ଚିଆଁ ପାଳନ, ରୋଗର କାରଣ, ନିରାକରଣ, ଟିକାକରଣ, ସରକାରୀ ପ୍ରୋତ୍ସାହନ ଆଦି ବିଷୟରେ ତାଲିମ ଦିଆଯାଇଥିଲା। ଏଥିସହିତ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଡା. ତୁଷାର ରଞ୍ଜନ ସାହୁ, ଡା. ଶ୍ରୀକାନ୍ତ ପରିଡା, ଡା. ଲକ୍ଷ୍ମୀନାରାୟଣ ନନ୍ଦ, ଅମ୍ରିତା ସାମଲ, ଡ. ରୋଶନୀବାଳା ନାୟକ, ସସ୍ମିତା ପାଲ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଦିବସରେ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ୫୦ଙ୍କୁ ଦକ୍ଷତା ବୃଦ୍ଧି ତାଲିମ

ଢେଙ୍କାନାଳ ଅଫିସ, ୭।୬

ଜାତୀୟ ଉଦ୍ୟାନ ବୋର୍ଡ ପ୍ରୋତ୍ସାହନରେ ଢେଙ୍କାନାଳ ସହର ଉପକଣ୍ଠ ଶ୍ୟାମାଚରଣପୁର ସେୟାର ଅନୁଷ୍ଠାନ ସଭାଗୃହଠାରେ ବୁଧବାର ଏକଦିବସୀୟ ଚାଷୀ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଉପନିର୍ଦ୍ଦେଶକ ସୁରେନ୍ଦ୍ର ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଗୀତାଶ୍ରୀ ପାଢ଼ୀ, କୃଷି ବିଜ୍ଞାନକେନ୍ଦ୍ର ଉଦ୍ୟାନ ବିଭାଗ ବୈଜ୍ଞାନିକ ଡ. ଦିବ୍ୟସୁନ୍ଦର କର, ଡ. ଶେଫାଳି ରାଉତ, ଅବସରପ୍ରାପ୍ତ ଉଦ୍ୟାନ କୃଷି ବିଭାଗ ଉପନିର୍ଦ୍ଦେଶକ ସୂର୍ଯ୍ୟମଣି ମହାରଣା, ଇଂ. ଆଶୁତୋଷ ବେହେରା, ଉଦ୍ୟାନ କୃଷି ବିଭାଗ କର୍ମଚାରୀଙ୍କ ସମେତ ୭ଟି ବ୍ୟାଙ୍କର ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ୫୦ରୁ ଅଧିକ ଚାଷୀମାନେ ଯୋଗଦାନ କରିଥିଲେ। ଉଦ୍ୟାନ କୃଷିକୁ ରୋଜଗାରର ପନ୍ଥା ଭାବେ ଗ୍ରହଣ କରିବା, ଉଦ୍ୟାନ କୃଷି ଉଦ୍ୟୋଗ ସୃଷ୍ଟି, ସରକାରଙ୍କ ବିଭିନ୍ନ ଯୋଜନା, ପ୍ରୋତ୍ସାହନ ସମ୍ପର୍କରେ ଆଲୋଚନା ହୋଇଥିଲା। ଚାଷୀଙ୍କ ସହିତ ସିଧାସଳଖ ଆଲୋଚନା କରାଯାଇ ବିଭିନ୍ନ ସମସ୍ୟାର ସମାଧାନ ପନ୍ଥା ବାହାର କରାଯାଇଥିଲା।



କୃଷକ ଦକ୍ଷତା ବୃଦ୍ଧି ତାଲିମ ଶିବିର।

# ଚାଷୀଙ୍କ କଲ୍ୟାଣ ଉପରେ ଗୁରୁତ୍ୱ



ବୈଠକରେ ଉପସ୍ଥିତ ସଂଘର ସଦସ୍ୟମାନେ।

ବଇଣ୍ଡା,୭।୬(ଡି.ଏନ.ଏ.)

କିଶୋରନଗର ବ୍ଲକ ଲୁହାମୁଣ୍ଡା ପରିସରରେ ବୁଧବାର କୃଷକ ମଙ୍ଗଳ ସଂଘର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ସଞ୍ଜୟ କୁମାର ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ୨୧ ତାରିଖରେ ହେବାକୁ ଥିବା ସାଧାରଣ ବୈଠକ ପାଇଁ ୫୪ ଗାଁର ପ୍ରତିନିଧିମାନେ କିଭଳି ଉପସ୍ଥିତ ରହିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। କୃଷକ ମଙ୍ଗଳ ସଂଘ ନୂତନ ସାଧାରଣ ସମ୍ପାଦକ ଭାବେ ବଇଣ୍ଡାର ପ୍ରବୀଣ କୁମାର ସାହୁଙ୍କୁ ମନୋନୀତ କରାଯାଇଥିଲା। ସଂଘକୁ ସରକାରୀ ମାନ୍ୟତା ମିଳିଥିବାବେଳେ କିଭଳି ସଂଘ ଦ୍ୱାରା ଚାଷୀମାନଙ୍କ କଲ୍ୟାଣ ହେବ ସେ ନେଇ ସଂଘ ଅଧିକ ଗୁରୁତ୍ୱ ଦେବ ବୋଲି ମତପ୍ରକାଶ ପାଇଛି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପୋଲିସ ଅଧିକାରୀ ଅର୍ଜୁନ ସାହୁ, ଚଷା ସମାଜର ପ୍ରଗଣା ସଭାପତି ଭାଗୀରଥି ସାହୁ, ଫକୀର ସାହୁ, ଦିବାକର ବିଶ୍ୱାଳ, ମୋହନ ସାହୁ, ଶ୍ରୀପତି ସାହୁ, କିଶୋରୀ ମାଝି, ଭୋଳେଶ୍ୱର ସାହୁ, ରତ୍ନାକର ସାହୁ, ରାଧାମୋହନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ପୋଲ ନିର୍ମାଣ ପାଇଁ ଦାବିପତ୍ର

ଅନୁଗୋଳ ଅଫିସ,୭।୬

ଅନୁଗୋଳ ଜିଲା ଛେଳିଆପଡ଼ା ଗ୍ରାମବାସୀ ବୁଧବାର ଉପଜିଲାପାଳଙ୍କ କାର୍ଯ୍ୟାଳୟର ଦାରସ୍ଥ ହୋଇ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଗ୍ରାମବାସୀ ଦର୍ଶାଇଛନ୍ତି, ଛେଳିଆପଡ଼ା ପଞ୍ଚାୟତର କାଙ୍ଗୁଲା ତିଅରସାହି ଠାରୁ ବନ୍ତଲା ରାସ୍ତାର ମିଶ୍ରଣ ନିକଟସ୍ଥ ବୁଡାପଦା ସାହିଠାରେ ପୂର୍ବରୁ ଏକ ପୋଲ ନିର୍ମାଣ ହୋଇଥିଲା। ଇତିମଧ୍ୟରେ ଉକ୍ତ ପୋଲଟି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ସେହି ରାସ୍ତା ଦେଇ କାଙ୍ଗୁଲା, ବାଲୁଅକଟା, ଛେଳିଆପଡା ପଞ୍ଚାୟତର ଲୋକମାନେ ଯାତାୟାତ କରିଥାନ୍ତି। କିନ୍ତୁ ପୋଲଟି ନଷ୍ଟ ହୋଇଯାଇଥିବାରୁ ଏବେ ସେମାନେ ବହୁ ହଇରାଣ ହେଉଛନ୍ତି। ତୁରନ୍ତ ସେଠାରେ ପୋଲ ନିର୍ମାଣ କରିବାକୁ ଛେଳିଆପଡ଼ାବାସୀ ଉପଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।



ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଛେଳିଆପଡ଼ା ଗ୍ରାମବାସୀ।

# ସ୍କୁଟି ଉପରେ ଚଢ଼ିଗଲା କାର୍

ମାଧପୁର,୭।୬

ଆଠମଲ୍ଲିକ ଥାନା ମାଧପୁର ବଜାରସ୍ଥିତ ପୁରୁଣା ଏୟାରଟେଲ ଟାୱାର ନିକଟରେ ବୁଧବାର ଏକ ସ୍କୁଟି ଉପରେ କାର ଚଢ଼ିଯାଇଛି। ଏଥିରେ ସ୍କୁଟି ଚାଳକ ଅଏଡା ପଞ୍ଚାୟତ ବଘୁଆକଟା ଗ୍ରାମର ଜ୍ଞାନ ବଡ଼ମାଳି ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ କହିଛି, ଜ୍ଞାନ କନ୍ଧପଡାରୁ ଏକ ବିବାହ କାର୍ଯ୍ୟ ସାରି ନିଜର ସ୍କୁଟି ଯୋଗେ ଆଠମଲ୍ଲିକ ଆସୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। ଆଇଆଇସି ନିରୋଦ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଆଠମଲ୍ଲିକ ଥାନା ସବ୍‌ଇନ୍ସପେକ୍ଟର ବ୍ରହ୍ମାନନ୍ଦ ସାହୁ, ଏଏସ୍‌ଆଇ ନିରୋଜ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।



# ବ୍ରାହ୍ମଣୀରୁ ମୃତଦେହ ଜବତ

କଣିହାଁ,୭।୬(ଡି.ଏନ.ଏ.)

କଣିହାଁ ଥାନା ପୋଲିସ ବୁଧବାର ବ୍ରାହ୍ମଣୀ ନଦୀରୁ ବୁଧବାର ଏକ ଭାସମାନ ମୃତଦେହ ଜବତ କରିଛି। ଥାନା ସୂଚନାରୁ ପ୍ରକାଶ, ତାଳପଦା ଗ୍ରାମର ଗୋବର୍ଦ୍ଧନ ଦେହୁରୀ(୬୦)ମଙ୍ଗଳବାର ଗ୍ରାମ ନିକଟସ୍ଥ ବ୍ରାହ୍ମଣୀ ନଦୀକୁ ସ୍ନାନ ପାଇଁ ଯାଇ ଘରକୁ ଫେରି ନ ଥିଲେ। ଏ ନେଇ ପରିବାର ବର୍ଗ ଖୋଜାଖୋଜି ପରେ ମଧ୍ୟ ନ ପାଇବାରୁ ଥାନାକୁ ଜଣାଇଥିଲେ। ବୁଧବାର ଜଣେ ଡଙ୍ଗା ଚାଳକ ଯାତ୍ରୀ ପାର କରୁଥିବାବେଳେ ମୃତଦେହ ନଦୀରେ ଭାସୁଥିବା ନେଇ ମୃତକଙ୍କ ପୁଅ ତ୍ରିଲୋଚନକୁ ଜଣାଇଥିଲେ। ତ୍ରିଲୋଚନ ଘଟଣା ସମ୍ପର୍କରେ ଥାନାକୁ ଖବରଦେବା ପରେ ପୋଲିସ ମୃତଦେହ ଜବତ କରି ତାଳଚେର ଉପଖଣ୍ଡ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ୧୦୧ ୟୁନିଟ୍ ରକ୍ତ ସଂଗ୍ରହ

ତାଳଚେର,୭।୬(ନି.ପ୍ର.)

ତାଳଚେର ଜେସିଆଇ, ଅନ୍ନପୂର୍ଣ୍ଣା ମହିଳା ସଙ୍ଗଠନ ଓ ହତୋତୋଟା ବଣିକ ସଂଘର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବାଲେଶ୍ୱର ଜିଲାର ବହାନଗା ରେଳ ଦୁର୍ଘଟଣାରେ ଆହତମାନଙ୍କ ରକ୍ତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥିତ ସଭାଗୃହଠାରେ ଜେସିଆଇ ସଭାପତି ଦୀପ୍ତି ରଞ୍ଜନ ବିଶ୍ୱାଳ, ଅନ୍ନପୂର୍ଣ୍ଣାର ସଭାନେତ୍ରୀ ମଞ୍ଜିତ କୌର ଓ ବଣିକ ସଂଘ ସଭାପତି ବୀରବର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ତାଳଚେତ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ରକ୍ତଦାନ କରି ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେସିଆଇ ଜୋନ୍ ସଭାପତି ଆଶିଷ ଅଗ୍ରୱାଲ, ବରିଷ୍ଠ ଆଇନଜୀବୀ ଯଦୁମଣି ସାହୁ, ପୂର୍ବତନ ନଗରପାଳ କେଶବ ଭୂତିଆ, ରଶ୍ମିରଞ୍ଜନ ମିଶ୍ର, ଜେସିଆଇର ପୂର୍ବତନ ସଭାପତି ବାସୁଦେବ ସାହୁ, ମନୀଷ ଅଗ୍ରୱାଲ, କୁଶଳ ଅଗ୍ରୱାଲ ଓ ସରୋଜ ଗିରି ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ସାହୁ, ଡବୁ ସିଂହ ଓ ଚନ୍ଦନ ସାହୁ କାର୍ଯ୍ୟକ୍ରମ ତଦାରଖ କରିଥିଲେ। ତାଳଚେର ରକ୍ତ ଭଣ୍ଡାରର ଡାକ୍ତର ମାନସ ସାହୁଙ୍କ ନେତୃତ୍ୱରେ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଅନ୍ନପୂର୍ଣ୍ଣା ମହିଳା ସଙ୍ଗଠନ ସମ୍ପାଦିକା ରଶ୍ମିତା ନନ୍ଦ, ବରିଷ୍ଠ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ସସ୍ମିତା ସାହୁ, ଆଇନଜୀବୀ ବବିତା ଦାସ ଓ ଏଲ. ମାଣିକ୍ୟ ପ୍ରଭାଙ୍କ ସମେତ ବହୁ ସଚେତନ ନାଗରିକ, ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ।



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

# ଜଳିଗଲା ୩ ବଖରା

ବଇଣ୍ଡା,୭।୬(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ମଇମୁରା ପଞ୍ଚାୟତ କୁତୁଲିସିଙ୍ଗା ଗ୍ରାମରେ ବୁଧବାର ଅଗ୍ନିକାଣ୍ଡ ଘଟି ପ୍ରଭାକର ନାୟକ ଓ ଦିଗାମ୍ବର ନାୟକଙ୍କ ୪ ବଖରା ଘର ଜଳିଯାଇଛି। କିପରି ଅଗ୍ନିକାଣ୍ଡ ଘଟିଲା ତାହା ଜଣାପଡ଼ି ନ ଥିବାବେଳେ ଘରେ ଥିବା ସମସ୍ତ ଆସବାପତ୍ର ସହ, ଧାନ, ଚାଉଳ, ପିନ୍ଧା ବସ୍ତ୍ର, ସୁନା ଗହଣା, ପିଲାଙ୍କ ବହି ଜଳିଯାଇଛି। ସ୍ଥାନୀୟ ଗ୍ରାମବାସୀ ଓ ଆଠମଲ୍ଲିକ ଅଗ୍ନିଶମ ବିଭାଗ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ତୁରନ୍ତ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।



## ସଂକ୍ଷେପରେ

### ଚିକିତ୍ସା ପରେ ସୁସ୍ଥ ହେଉଛି ଦନ୍ତା

ସାତମାଇଲ, ୭।୬(ଡି.ଏନ୍.ଏ.): ଢେଙ୍କାନାଳ ଜିଲା ହିନ୍ଦୋଳ ବନାଞ୍ଚଳ ଅନ୍ତର୍ଗତ ଗୁରିଲୋ ଗ୍ରାମ ଜଙ୍ଗଲରେ ଅସୁସ୍ଥ ହୋଇପଡ଼ିଥିବା ଦନ୍ତାହାତୀ ସ୍ୱାଭାବିକ ଅବସ୍ଥାକୁ ଫେରୁଛି। ବନ କର୍ମଚାରୀ ଏବଂ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ ୨ଦିନର ଅକ୍ଲାନ୍ତ ପରିଶ୍ରମ ପରେ ବୁଧବାର ହାତୀ ଛିଡ଼ା ହୋଇଛି। ଆଖପାଖ ଅଞ୍ଚଳରେ ଚଲାବୁଲା କରିଛି। ଧୀରେ ଧୀରେ ହାତୀ ସୁସ୍ଥ ହେଉଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ସୋମବାର ରାତିରେ ଗୁରିଲୋ ଗ୍ରାମ ଜଙ୍ଗଲ ନିକଟ ଶ୍ମଶାନରେ ଉକ୍ତ ଅସୁସ୍ଥ ଦନ୍ତା ପଡ଼ି ରହିଥିଲା। ସ୍ଥାନୀୟ ଗ୍ରାମବାସୀଙ୍କ ନିକଟରୁ ସୂଚନା ପାଇ ମଙ୍ଗଳବାର ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ବନାଞ୍ଚଳ ଅଧିକାରୀ ଲୋହିତ ରଥ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ ସହ ପହଞ୍ଚି ହାତୀର ଚିକିତ୍ସା ଆରମ୍ଭ କରିଥିଲେ। ପ୍ରଥମେ ନିଶ୍ଚେତକ ଦିଆଯିବା ପରେ ସାଲାଇନ୍ ଏବଂ ଇଞ୍ଜେକ୍ସନ ଦିଆଯାଇଥିଲା। ବୁଧବାର ଭୁବନେଶ୍ୱରରୁ ଏକ ବିଶେଷଜ୍ଞ ଟିମ୍ ପହଞ୍ଚି ପୁନର୍ବାର ସ୍ୱାସ୍ଥ୍ୟ ପରୀକ୍ଷା ସହ ହାତୀଟିର ଚିକିତ୍ସା କରିଥିଲା। ଏହାପରେ ହାତୀ ସୁସ୍ଥ ହେଉଛି। ଏହାର ଗତିବିଧି ଉପରେ ନଜର ରଖାଯାଇଥିବା ଜିଲା ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।

### ମାଟ୍ରିକ୍ ଫଳାଫଳକୁ ନେଇ ଅସନ୍ତୋଷ

ଢେଙ୍କାନାଳ ଅଫିସ, ୭।୬: ଢେଙ୍କାନାଳ ଜିଲାରେ ମାଟ୍ରିକ୍ ପରୀକ୍ଷା ଫଳ ଆଶାଜନକ ହୋଇନାହିଁ। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ମଙ୍ଗଳବାର ପୁରୁଣା ଜିଲା ପରିଷଦ ହଲ୍‌ଠାରେ ଏ-୧ ଗ୍ରେଡ୍‌ଧାରୀଙ୍କ ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଏ ନେଇ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଫଳାଫଳ ଭଲ ହେବା ପାଇଁ ଯେଉଁ ପରିବେଶ ଦରକାର, ଆମେ ତାହା ସୃଷ୍ଟି କରିପାରିଲେ ନାହିଁ। ଏଥିଲାଗି ଆମେ ସମସ୍ତେ ନିଜକୁ ଦାୟୀ କରିବା ଉଚିତ। ଏହାର ତର୍ଜମା ହେବା ଆବଶ୍ୟକ। ଜିଲାରେ କୌଣସି ଛାତ୍ରୀଛାତ୍ର ଯେପରି ଡ୍ରପ୍‌ଆଉଟ୍ ନ ହୁଅନ୍ତି, ସେଥିପ୍ରତି ଜିଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀମାନେ ଯତ୍ନବାନ ହେବା ଉଚିତ ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ଜିଲାର ୪୧ଟି ହାଇସ୍କୁଲର ୮୨ଜଣ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍ ପାଇଛନ୍ତି। ଗତବର୍ଷ ଏହି ସଂଖ୍ୟା ୧୮୩ ଥିଲା। ଫଳଫଳରେ ଏଭଳି ଅବନତିର ତର୍ଜମା ଶିକ୍ଷା ବିଭାଗ କରୁଛି। ଯେଉଁ ହାଇସ୍କୁଲଗୁଡ଼ିକ ଏ-୧ ଶୂନ୍ୟ ରହିଛନ୍ତି, ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ବୋଲି ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି ସୂଚନା ଦେଇଛନ୍ତି।

# ଯୁକ୍ତିତର୍କରେ ଶେଷ, ୪ ଘଣ୍ଟା ବରବାଦ

■ପୌରସଂସ୍ଥା ବୈଠକରେ ଭାଜପା-ବିଜେଡି ମୁହାଁମୁହିଁ
■ଅଚଳାବସ୍ଥା ଜାରି, ପୁଣି ୧୨ ତାରିଖକୁ ଦିନ ଧାର୍ଯ୍ୟ

ଢେଙ୍କାନାଳ ଅଫିସ, ୭।୬


ବୈଠକରେ ପୌରାଧ୍ୟକ୍ଷାଙ୍କ ସମେତ ଅନ୍ୟମାନେ।

ରାଜନୈତିକ ବିବାଦରେ ଫସିଛି ଢେଙ୍କାନାଳ ପୌରାଞ୍ଚଳର ଭାଗ୍ୟ ଓ ଭବିଷ୍ୟତ। ଭାଜପା ଏବଂ ବିଜେଡି ମଧ୍ୟରେ ଜାରି ରହିଥିବା ଆକ୍ରୋଶମୂଳକ ରାଜନୀତିରେ ଛନ୍ଦି ହୋଇଯାଇଛନ୍ତି ସହରବାସୀ। ବୁଧବାର ପୌରସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ୧୩ତମ କାଉନ୍‌ସିଲ ବୈଠକ ପୂର୍ବଥର ଭଳି ଆରୋପ-ପ୍ରତିଆରୋପ, ଯୁକ୍ତିତର୍କରେ ଶେଷ ହୋଇଛି। ବରବାଦ ହୋଇଛି ୪ ଘଣ୍ଟା। ରାଜନୈତିକ ନେତୃବୃନ୍ଦ ବ୍ୟକ୍ତିଗତ ସ୍ୱାର୍ଥସାଧନକୁ ପ୍ରାଧାନ୍ୟ ଦେଉଥିବାରୁ ଏଭଳି ସ୍ଥିତି ଉପୁଜିଥିବା ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି।

ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ରଙ୍କ ଅଧ୍ୟକ୍ଷତାରେ ପୌରସଂସ୍ଥା ସମ୍ମିଳନୀ କକ୍ଷରେ କାଉନ୍‌ସିଲ ବୈଠକ ବସିଥିଲା। ଏଥିରେ ଏମ୍‌ପି ମହେଶ ସାହୁ, ପୌରାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁରଙ୍କ ସମେତ ବିଜେଡି ଓ ଭାଜପାର କାଉନ୍‌ସିଲରମାନେ ଉପସ୍ଥିତ ଥିଲେ। ତେବେ ୪ ଘଣ୍ଟା ଧରି ଚାଲିଥିବା ବୈଠକ କେବଳ ଆରୋପ-ପ୍ରତ୍ୟାରୋପ ମଧ୍ୟରେ ସୀମିତ ଥିଲା। ଫଳରେ ସହରର ଉନ୍ନୟନ କାର୍ଯ୍ୟ, ପୂର୍ବ ବୈଠକରେ ହୋଇଥିବା ପ୍ରସ୍ତାବର କାର୍ଯ୍ୟାନ୍ୱୟନ ସମ୍ପର୍କରେ ପଦେ ମଧ୍ୟ ଆଲୋଚନା ସମ୍ଭବପର ହୋଇ ନ ଥିଲା। ତେଣୁ ଆସନ୍ତା ୧୨ ତାରିଖରେ ପୁନର୍ବାର ବୈଠକ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି।

ଗତଥର ଭଳି ଚଳିତ ବୈଠକରେ ମଧ୍ୟ ରାସ୍ତାପାର୍ଶ୍ୱ ଉଠା ଦୋକାନୀଙ୍କଠାରୁ ଟାକ୍ସ ଆଦାୟ ଟେଣ୍ଡରରେ ହୋଇଥିବା ଅନିୟମିତତା ପ୍ରସଙ୍ଗ ଉଠାଇଥିଲା ବିଜେଡି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନାହିଁ ବୋଲି ଦଳୀୟ ନେତୃବୃନ୍ଦ ପ୍ରଶ୍ନ କରିଥିଲେ। ଏହାକୁ ନେଇ ଭାଜପା-ବିଜେଡି କାଉନ୍‌ସିଲରଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଅନିୟମିତତାର ଭିଜିଲାନ୍ସ ତଦନ୍ତ କରାଯିବା ପାଇଁ ମତପ୍ରକାଶ ପାଇଛି। ସେହିପରି ୩ବର୍ଷ ହେଲା ମୁକ୍ତା ଯୋଜନା ନିର୍ମାଣ ହୋଇଥିବା ପାର୍କ ଉଦ୍‌ଘାଟନ ନ ହେବା, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ନିକଟରେ ୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ଅଡିଟୋରିୟମ କାର୍ଯ୍ୟକ୍ଷମ ନ ହେବା ନେଇ ତୁମ୍ଭିତୋଫାନ ଉଠିଥିଲା। ଏ ସଂକ୍ରାନ୍ତରେ ପୌର ନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ର କୁହନ୍ତି, ବୈଠକରେ କୌଣସି ନିଷ୍ପତ୍ତି ହୋଇପାରିନାହିଁ। ଆସନ୍ତା ୧୨ ତାରିଖରେ ପୁଣି ବୈଠକ ବସିବ ବୋଲି ନିଷ୍ପତ୍ତି ହୋଇଛି। ଅନ୍ୟପଟେ ବୁଧବାର ବୈଠକକୁ ନ କରିବା ପାଇଁ ବିଭିନ୍ନ ଆଡୁ ଚାପ ପ୍ରୟୋଗ ହୋଇଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି।

ଢେଙ୍କାନାଳ ପୌର ନିର୍ବାଚନକୁ ବର୍ଷେ ପୂରିଛି। ଗତଥର ରାଜନୈତିକ ବାଦ-ବିବାଦ କାରଣରୁ ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇଯାଇଥିଲା। ନୂତନ ପରିଷଦ ଗଠନ ପରେ ଏଥିରେ ଯବନିକା ପଡ଼ିବ ଏବଂ ସହର ବିକାଶ ଲାଗି ସବୁଦଳ ପ୍ରୟାସ କରିବେ ବୋଲି ସ୍ଥାନୀୟ ବାସିନ୍ଦା ଆଶାପୋଷଣ କରିଥିଲେ। ହେଲେ ଏହା ଭୁଲ୍ ପ୍ରମାଣିତ ହୋଇଛି। ପୌର ନିର୍ବାଚନରେ ପୌରାଧ୍ୟକ୍ଷ ଆସନ ଭାଜପା ଭାଗରେ ଏବଂ ଶାସକ ବିଜେଡି ଖାତାରେ ଅଧିକ ସଂଖ୍ୟକ କାଉନ୍‌ସିଲର ସିଟ୍ ପଡ଼ିବା ପରେ ଅଙ୍କ ବିଗିଡ଼ି ଯାଇଛି। ଅଧିକାଂଶ ଉନ୍ନୟନ ସମ୍ପର୍କିତ ବୈଠକରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହେଉଛନ୍ତି। ଉଭୟ ଦଳର ବରିଷ୍ଠ ନେତୃବୃନ୍ଦ ଏହାର ସମାଧାନ କରିବା ଲାଗି ଆଗଭର ହେଉ ନ ଥିବା ବେଳେ ରାଜନୈତିକ ଆକ୍ରୋଶ ଚରମସୀମାରେ ପହଞ୍ଚିଛି।

### ଜଗନ୍ନାଥ କଥାମୃତ କାର୍ଯ୍ୟକ୍ରମ



ଢେଙ୍କାନାଳ ଅଫିସ, ୭।୬

ଢେଙ୍କାନାଳ ସଦର ବ୍ଲକ ଚାଉଳିଆ ଗ୍ରାମ ଶିବମନ୍ଦିର ପ୍ରାଙ୍ଗଣରେ ଶ୍ରୀ ଜଗନ୍ନାଥ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ୩ଦିନ ଧରି ଚାଲିଥିବା ଜଗନ୍ନାଥ କଥାମୃତ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ସ୍ୱନାମଧନ୍ୟ କୁନି ପ୍ରବଚକ କେଶବ ଦାସ ଦ୍ୱିତୀକୃଷ୍ଣ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତିର ତତ୍ତ୍ୱ ସମ୍ପର୍କରେ ପ୍ରବଚନ ଦେଇଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ରଞ୍ଜନ ପ୍ରଧାନ, ସନ୍ତୋଷ ରାଉତ, ବିଜୟ ବିନ୍ଧାଣି, କାର୍ତ୍ତିକ ସାହୁ, ଦୀପକ ବିନ୍ଧାଣି, ଗୋପବନ୍ଧୁ ରାଉତ, ମୋହନ ଦାସ, ଶାନ୍ତନୁ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିର୍ମଳ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ପ୍ରବଚନ ଶୁଣିବା ପାଇଁ ପଞ୍ଚାୟତର ବିଭିନ୍ନ ଗ୍ରାମର ଶତାଧିକ ଜଗନ୍ନାଥପ୍ରେମୀଙ୍କ ସମାଗମ ହୋଇଥିଲା। ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ପରିଷଦର ସଦସ୍ୟଙ୍କୁ ସରପଞ୍ଚ ବାବୁଲି ରାଉତ ଧନ୍ୟବାଦ ଜଣାଇଛନ୍ତି।

# ‘ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ’

ଢେଙ୍କାନାଳ ଅଫିସ, ୭।୬

ଢେଙ୍କାନାଳର ବିକାଶ ପାଇଁ ମୋଦି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଜିଲା ଭାଜପା ପକ୍ଷରୁ ବୁଧବାର ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଦଳର ଜିଲା କାର୍ଯ୍ୟାଳୟରେ ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ପାତ୍ର, ରାମଚନ୍ଦ୍ର ପାତ୍ର, ସୁନୀଲ ଶର୍ମା, ଇତିଶ୍ରୀ ସାହୁ, ନବକିଶୋର ଗୁରୁ ପ୍ରମୁଖ ଯୋଗଦେଇ ଭାଜପା ସରକାରଙ୍କ ଅମଳରେ ଜିଲାରେ କରାଯାଇଥିବା ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ।

ଜିଲାର ୯ ଲକ୍ଷ ୪୪ ହଜାର ୮୧୫ ହିତାଧିକାରୀ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ସାମିଲ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ୭୯,୨୪୯ ଘର ନିର୍ମାଣ ଲକ୍ଷ୍ୟ ରଖାଯାଇଛି। ୭୮,୯୬୧ ଘର ମଞ୍ଜୁର ହୋଇଥିବାବେଳେ ଅଦ୍ୟାବଧି ୫୪ ହଜାର ୯୫୮ ଘର ନିର୍ମାଣ କାମ ସରିଛି। ଏଥିଲାଗି କେନ୍ଦ୍ର ସରକାର ୯୫୧ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଆବାସ (ସହରାଞ୍ଚଳ) ଯୋଜନାରେ ୧୦,୩୦୫ ଘର ମଞ୍ଜୁର ହୋଇଥିବା ବେଳେ ୬,୩୧୦ ଘର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏଥିଲାଗି ୩୨୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଜିଲାର ୧ଲକ୍ଷ ୯୯ହଜାର ୭୫୮ ହିତାଧିକାରୀଙ୍କୁ ରନ୍ଧନ ଗ୍ୟାସ୍ ସଂଯୋଗ ଦିଆଯାଇଛି। ଏଥିରେ ୩୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଜଳ ଜୀବନ ମିଶନ ଯୋଜନାରେ ୨ ଲକ୍ଷ ୨ ହଜାର ୫୨୯ ହିତାଧିକାରୀଙ୍କ ଘରକୁ ସ୍ୱଚ୍ଛ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ଜାତୀୟ ଗ୍ରାମୀଣ ଜୀବନ ମିଶନରେ ୮୩୯୧ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସହାୟତା ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାରେ ୨୦,୯୬୬ ଯୁବବର୍ଗଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ୧୦ଟି ପ୍ରଧାନମନ୍ତ୍ରୀ ଜନଔଷଧୀ କେନ୍ଦ୍ର ମାଧ୍ୟମରେ ଲୋକଙ୍କୁ ସୁଲଭ ମୂଲ୍ୟରେ ଔଷଧ ପ୍ରଦାନ କରାଯାଉଛି। ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ୧୦,୯୯୦ ବ୍ୟାଙ୍କ ଖାତା ଖୋଲାଯାଇଛି। ଉଜ୍ଜ୍ୱଳା ଯୋଜନାରେ ୧୭ଲକ୍ଷ ୨୩ ହଜାର ୨୭୧ଟି ଏଲ୍‌ଇଡି ବଲ୍‌ବ ମାଗଣାରେ ବଣ୍ଟନ କରାଯାଇଛି। ସୌଭାଗ୍ୟ ଯୋଜନାରେ ଜିଲାରେ ଶତ ପ୍ରତିଶତ ବିଦ୍ୟୁତୀକରଣ ହୋଇଛି। କର୍ମଚାରୀ ବୀମା ଯୋଜନାରେ ଜିଲାର ୧୦ ହଜାର ୮୯ ହିତାଧିକାରୀ ପଞ୍ଜୀକୃତ ହୋଇଛନ୍ତି। ନ୍ୟାଶନାଲ ସୋସିଆଲ ଆସିଷ୍ଟାନ୍ସ ପ୍ରୋଗ୍ରାମରେ ୬୧ହଜାର ୬୧୧ ହିତାଧିକାରୀ ଲାଭବାନ ହୋଇଛନ୍ତି। ମୋଦି ସରକାରଙ୍କ ଜନମଙ୍ଗଳ ଯୋଜନା ସମ୍ପର୍କରେ ଜନତାଙ୍କୁ ଅବଗତ କରାଇବା ଲାଗି ମଣ୍ଡଳସ୍ତରରେ ଜୁନ୍ ୧ରୁ ୨୦ ତାରିଖ ମଧ୍ୟରେ ବିଶାଳ ଜନସଭା ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ଜୁନ୍ ୩୦ରେ ସରିବ ବୋଲି ସୂଚନା ଦିଆଯାଇଛି।



ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।


ଢେଙ୍କାନାଳ ସଦର ବ୍ଲକ ଚାଉଳିଆ ପଞ୍ଚାୟତ ତିଳପଦା ଗ୍ରାମଠାରେ ବିଶ୍ୱ ପରିବେଶ ଦିବସ ପାଳନ ଉପଲକ୍ଷେ ଐରାବତ କ୍ଲବ ପକ୍ଷରୁ ଅନୁଷ୍ଠିତ ଚାରା ରୋପଣ କାର୍ଯ୍ୟକ୍ରମ।

# ସଚେତନ କରିବ ସଂଘ

ଢେଙ୍କାନାଳ ଅଫିସ, ୭।୬



ଢେଙ୍କାନାଳ ଅବସରପ୍ରାପ୍ତ ମୃତ୍ତିକା ସଂରକ୍ଷଣ ବିଭାଗ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ କମିଟି ଓ ଉପଦେଷ୍ଟା ମଣ୍ଡଳୀ ବୈଠକ ସଭାପତି ଅନ୍ତର୍ଯ୍ୟାମୀ ବେହେରାଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଣିକି ଜଳ ବିଭାଜିକା ଓ ମୃତ୍ତିକା ସଂରକ୍ଷଣ ବିଭାଗ, କୃଷି ବିଭାଗ, ଉଦ୍ୟାନ ବିଭାଗ, ଜଙ୍ଗଲ ବିଭାଗ ଆନୁକୂଲ୍ୟରେ ହେଉଥିବା ବିଭିନ୍ନ ସଚେତନତାଧର୍ମୀ କାର୍ଯ୍ୟକ୍ରମରେ ସଂଘ ଭାଗ ନେବ। ଏ ସଂକ୍ରାନ୍ତ ଏକ ପ୍ରସ୍ତାବ ପାରିତ ହୋଇଛି। ଏଥି ନିମନ୍ତେ ବିଭାଗ ସହିତ ଯୋଗସୂତ୍ର ରଖିବା ପାଇଁ ଏକ କମିଟି ଗଠନ କରାଯାଇଛି। ସଂଘ ପକ୍ଷରୁ ବନ ମହୋତ୍ସବ, ବିଶ୍ୱ ଜଳ ଦିବସ, ବିଶ୍ୱ ପରିବେଶ ଦିବସ ଓ ଧରିତ୍ରୀ ଦିବସ ପାଳନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ପ୍ରାରମ୍ଭରେ ବାହାନଗା ଟ୍ରେନ୍ ଦୁର୍ଘଟଣାରେ ମୃତକଙ୍କ ଆତ୍ମାର ସଦ୍‌ଗତି ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା ମଧ୍ୟ କରାଯାଇଥିଲା।

# ଆଗୁଆ ପ୍ରସ୍ତୁତି ନିହାତି ଜରୁରୀ

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ବୈଠକ

ଢେଙ୍କାନାଳ ଅଫିସ, ୭।୬

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓସ୍ୱାନ ହଲ୍‌ରେ ବୁଧବାର ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୁନ୍‌ରୁ ଅକ୍ଟୋବର ପର୍ଯ୍ୟନ୍ତ ଏଭଳି ବିପର୍ଯ୍ୟୟ ଆଶଙ୍କା ବେଶି। ଏହାକୁ ପ୍ରତିହତ କରିବା ପାଇଁ ସଚେତନ, ସତର୍କ ଏବଂ ଆଗୁଆ ପ୍ରସ୍ତୁତି ଜରୁରୀ। ଫଳରେ ଅନେକାଂଶରେ ଧନଜୀବନର ସୁରକ୍ଷା କରାଯାଇପାରିବ ବୋଲି ଜିଲାପାଳ ସରୋଜ କୁମାର ସେଠୀ କହିଛନ୍ତି।

ବନ୍ୟା ପ୍ରଭାବିତ ଗଁଦିଆ, ଭୁବନ ବ୍ଲକର ତଳିଆ ଅଞ୍ଚଳ ପ୍ରତି ବିଶେଷ ଗୁରୁତ୍ୱ ଦେବା, ବିପର୍ଯ୍ୟୟ ସମ୍ପର୍କରେ ସୂଚନା ମିଳିଲେ ଲୋକଙ୍କୁ ସ୍ଥାନାନ୍ତର କରିବା, ପ୍ରଭାବିତଙ୍କ ପାଇଁ ଖାଦ୍ୟ, ପାନୀୟ, ଅତ୍ୟାବଶ୍ୟକ ସାମଗ୍ରୀ ବ୍ୟବସ୍ଥା କରିବା ଲାଗି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା, ବନ୍ୟା ପରବର୍ତ୍ତୀ ସମୟରେ ଗମନାଗମନ ବ୍ୟବସ୍ଥା ସ୍ୱାଭାବିକ କରିବା, ଏଥିଲାଗି ଅଗ୍ନିଶମ କର୍ମଚାରୀ ଅତ୍ୟାଧୁନିକ ଯନ୍ତ୍ରପାତି ସହ ପ୍ରସ୍ତୁତ ରହିବା ପାଇଁ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ଆବଶ୍ୟକ ସମୟରେ ଜୁନିୟର ରେଡ୍‌କ୍ରସ୍, ଏନ୍‌ସିସି ଏବଂ ସ୍କାଉଟ୍ସ ସ୍ୱେଚ୍ଛାସେବୀଙ୍କ ସହାୟତା ନିଆଯିବ ବୋଲି ନିଷ୍ପତ୍ତି ହୋଇଛି। ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ନେଇ ମକ୍‌ଡ୍ରିଲ୍‌ର ଆୟୋଜନ କରାଯିବ। ଏଥିରେ ଜନସାଧାରଣ, ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ, ସ୍ୱେଚ୍ଛାସେବୀ ସାମିଲ ହେବେ। ବ୍ଲକ, ଏନ୍‌ଏସି ଏବଂ ଜିଲାସ୍ତରରେ ଆସନ୍ତା ୧୮ ତାରିଖରେ ଟେବୁଲ ଅଫ୍ ଏକ୍ସରସାଇଜ୍, ୧୯ରେ ମକଡ୍ରିଲ ହେବ ବୋଲି ସୂଚନା ଦିଆଯାଇଛି।

ବୈଠକରେ ଓସ୍‌ଡମାର ଡିଆର୍‌ଆର୍ କନସଲ୍‌ଟାଣ୍ଟ ସଙ୍ଗୀତା ଦାଶ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଜ୍ୟୋତିଶଙ୍କର ସାହୁ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ବିଭିନ୍ନ ବିଭାଗର ଅଧିକାରୀ, ତହସିଲଦାର ଯୋଗଦେଇଥିଲେ। ଜରୁରୀ ଓ ଆପାତ୍‌କାଳୀନ ଅଧିକାରୀ ଲୋପାମୁଦ୍ରା ରଥ ଧନ୍ୟବାଦ ପ୍ରଦାନ କରିଥିଲେ।


ବୈଠକରେ ଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀମାନେ।

# ଲିଖିତ ଭାବେ ସମସ୍ୟା ଜଣାଇବେ କାଉନ୍‌ସିଲର

■ଭୁବନ ଏନ୍‌ଏସି ପରିଷଦ ବୈଠକ
■ଠିକାଦାରଙ୍କ ନିମ୍ନମାନର କାମକୁ ନେଇ ଉଦ୍‌ବେଗ
■୧୫ ଦିନରେ ପେଭର ବ୍ଲକ ରାସ୍ତା ମରାମତି ନିର୍ଦ୍ଦେଶ

ଭୁବନ, ୭।୬(ଡି.ଏନ୍.ଏ.)


ବୈଠକରେ ଜନପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀମାନେ।

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି କାର୍ଯ୍ୟାଳୟ ସଭାଗୃହରେ ପରିଷଦର ୯ମ ବୈଠକ ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଣିକି କାଉନ୍‌ସିଲରମାନେ ଲାଗି ରହିଥିବା ସମସ୍ୟା ସମ୍ପର୍କରେ ଲିଖିତ ଭାବେ ଜଣାଇବେ। ସମୀକ୍ଷା ପରେ ଏହାର ସମାଧାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଠିକାଦାର-କାଉନ୍‌ସିଲରଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ସମସ୍ତ ଗଠନମୂଳକ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରିବାକୁ ସ୍ଥିର କରାଯାଇଛି।

ବୈଠକରେ ଜନସ୍ୱାସ୍ଥ୍ୟ ବିଭାଗର ଦୂରଦୃଷ୍ଟିହୀନ କାର୍ଯ୍ୟକୁ ନିନ୍ଦା କରାଯାଇଥିଲା। ଆଲୋଚନାରେ ଭାଗନେଇ ୧ନଂ. ୱାର୍ଡର କାଉନ୍‌ସିଲର ଗିରିଧାରୀ ସାହୁ କହିଲେ, ଏନ୍‌ଏସି ପକ୍ଷରୁ କିଛିଦିନ ତଳେ ପେଭର ବ୍ଲକ୍ ରାସ୍ତା ନିର୍ମାଣ କରାଯାଇଥିଲା। ହେଲେ ଜନସ୍ୱାସ୍ଥ୍ୟ ବିଭାଗ ପାଇପ୍ ବିଛାଇବା ଫଳରେ ଏହା ନଷ୍ଟ ହୋଇଯାଇଛି। ୧୫ଦିନ ମଧ୍ୟରେ ନଷ୍ଟ ହୋଇଥିବା ରାସ୍ତାକୁ ମରାମତି କରିବାକୁ ଜନସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଭୁବନ କାଳୀବଜାରରେ ଶହୀଦ ବାଜି ରାଉତଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ଓ ଭୁବନ ସ୍ଥାୟୀ ଡାକଘର ପାଇଁ ଜାଗା ଚିହ୍ନଟ ନିମନ୍ତେ ସେ ଦାବି କରିଥିଲେ। ୬ନଂ. ୱାର୍ଡ କାଉନ୍‌ସିଲର ସୁଶାନ୍ତ କୁମାର ନାୟକ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁ ଉପୁଜୁଥିବା ସମସ୍ୟା ପ୍ରସଙ୍ଗ ଉଠାଇଥିଲେ। ଏଥିସହ ପାନୀୟ ଜଳ ଯୋଗାଣରେ ଲାଗି ରହିଥିବା ଅସୁବିଧା, ବୁଦ୍ଧେଶ୍ୱର ଶୈବପୀଠରେ ନବନିର୍ମିତ ପେଭର ବ୍ଲକ ରାସ୍ତା କାମ ନିମ୍ନମାନର ହୋଇଥିବା ଏବଂ ବିଲ୍ ପୂର୍ବରୁ ଏହା ଭାଙ୍ଗିଯାଇଥିବା ଅଭିଯୋଗ କରିଥିଲେ। ଏହାର ତଦନ୍ତ କରି ଠିକାଦାରଙ୍କ ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ଏନ୍‌ଏସି ପକ୍ଷରୁ ବ୍ୟବସାୟିକ ଉଦ୍ଦେଶ୍ୟରେ ନିର୍ମିତ ଭେଣ୍ଡିଂଜୋନ୍ ଦୋକାନରେ ବେଆଇନ ଭାବେ ମଦ ବିକ୍ରି ହେଉଛି। ଏଭଳି କାର୍ଯ୍ୟରେ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଉଚ୍ଛେଦ କରିବାକୁ କାଉନ୍‌ସିଲର ନାୟକ ନିବେଦନ କରିଛନ୍ତି। ୯ନଂ. ୱାର୍ଡ କାଉନ୍‌ସିଲର ପପୁ କୁମାର ସାହୁ କହିଲେ, ସହରରେ ଆପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିବାକୁ ୨ ବର୍ଷ ତଳେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ଆଞ୍ଚଳିକ ବିକାଶ ପାଣ୍ଠିରୁ ୧୫ ଲକ୍ଷ ଟଙ୍କା ବ୍ୟୟରେ ସିସିଟିଭି ବ୍ୟବସ୍ଥା କରାଯାଇଥିଲା। ଏହା କାର୍ଯ୍ୟକ୍ଷମ ହେବା ପୂର୍ବରୁ ଅଚଳ ହୋଇପଡ଼ିଛି। ଫଳରେ ସହରରେ ଚୋରି, ରାହାଜାନି, ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ତେଣୁ ଏ ଦିଗରେ ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି। ସମସ୍ତ କାଉନ୍‌ସିଲରଙ୍କ ସହମତିକ୍ରମେ ଭୁବନ ସହରର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସମେତ ପ୍ରବେଶ ପଥରେ ସିସିଟିଭି କ୍ୟାମେରା ଲଗାଯିବାକୁ ନିଷ୍ପତ୍ତି ହୋଇଛି।

ପ୍ରାରମ୍ଭରେ ନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ସାହୁ ପୂର୍ବ ବୈଠକ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ରନାଥ ସାହୁ, ଶକ୍ତି ପ୍ରସାଦ ସାହୁଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ପରିଶେଷରେ ଉପଧ୍ୟକ୍ଷା ମାନିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଖମାର କଲେଜରେ ଯୁକ୍ତ ୨ ବାଣିଜ୍ୟ ପାଠ୍ୟକ୍ରମ

**ଖମାର,୭।୬(ଡି.ଏନ.ଏ.):** ପାଲଲହଡ଼ା ବ୍ଲକ ଖମାରସ୍ଥିତ ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷ ଠାରୁ +୨ ବାଣିଜ୍ୟ ବିଭାଗ ଖୋଲିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନୁମତି ପ୍ରଦାନ କରିଛି। ସୂଚନାଯୋଗ୍ୟ, ୧୯୭୯ ମସିହାରେ ପ୍ରତିଷ୍ଠିତ ଉକ୍ତ ମହାବିଦ୍ୟାଳୟରେ ବାଣିଜ୍ୟ ବିଭାଗ ଖୋଲିବା ପାଇଁ ଦୀର୍ଘଦିନ ହେଲା ଦାବି ହୋଇଆସୁଥିଲା। ରାଜ୍ୟ ସରକାର ଏ ନେଇ ଅନୁମତି ପ୍ରଦାନ କରିଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଖୁସି ପ୍ରକଟ କରାଯାଇଛି। ଏହି ଅନୁମତି ପାଇଁ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ, ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ପାଲଲହଡ଼ା ବିଧାୟକ ମୁକେଶ ପାଲ, ପୂର୍ବତନ ଅଧକ୍ଷ ଡ. ଅକ୍ଷୟ କୁମାର ପଣ୍ଡାଙ୍କୁ କଲେଜ ଅଧକ୍ଷ ଜୟଦେବ ବିଶ୍ୱାଳ ବିଶ୍ୱାଳ କୃତଜ୍ଞତା ଜଣାଇଛନ୍ତି।

### ମରଣାନ୍ତିକ ଆକ୍ରମଣ, ୨ ଅଟକ

**ଅନୁଗୋଳ ଅଫିସ,୭।୬:** ଅନୁଗୋଳ ପୌରପାଳିକା କଲୋନୀ ନିକଟରେ ଥିବା ବିଜୁ ଶିଶୁ ଉଦ୍ୟାନରେ ନିର୍ମାଣାଧୀନ କାର୍ଯ୍ୟକୁ କେତେଜଣ ଦୁର୍ବୃତ୍ତ ଭଙ୍ଗାରୁଜା କରୁଥିଲେ। ପାର୍କର ଉନ୍ନୟନ କାର୍ଯ୍ୟ କରୁଥିବା ଠିକାଦାର ମନୋଜ କୁମାର ପ୍ରଧାନ ଏହା ଦେଖି ପଚାରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ଠିକାଦାର ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ୨ ଜଣଙ୍କୁ ଅଟକ ରଖିଛି।

# ଦୁର୍ବଳ ପ୍ରଦର୍ଶନ ଦାୟୀ




- ଅନୁଗୋଳରେ ଚିନ୍ତା ବଢ଼ାଇଲେଣି ଏରାଗୋଲା ଗ୍ୟାଙ୍ଗ
- ଜିଲା ସାରା ନେଟୱର୍କ, ବଢ଼ୁଛି ଲୁଟ୍‌ପାଟ ଘଟଣା
- ଅଧା ଖଣ୍ଡିଆ ତଦନ୍ତ କରି ନିଜ ପିଠି ନିଜେ ଥାପୁଡ଼ାଉଛି ପୋଲିସ

**ବ୍ୟାଙ୍କ ହେଉ କି ବଜାର, ଗାଁ ହେଉ କି ସହର, ସବୁଠି ସକ୍ରିୟ ଏରାଗୋଲା ଗ୍ୟାଙ୍ଗ। ସୁଯୋଗ ପାଇବା ମାତ୍ରେ ଝାମ୍ପି ନେଉଛନ୍ତି ଟଙ୍କା ବ୍ୟାଗ। ଡିକି ଭାଙ୍ଗି କରୁଛନ୍ତି ଲୁଟ୍। ବିରୋଧ କଲେ ଆଖିରେ ଲଙ୍କା ଗୁଣ୍ଡ ପକାଉଛନ୍ତି। କେମିକାଲ ସ୍ପ୍ରେ କରୁଛନ୍ତି। ଅନୁଗୋଳ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଏମାନେ ଲୁଟ୍‌ପାଟ ଘଟାଇ ଚାଲିଥିବା ବେଳେ ଜଣେ ଦୁଇ ଜଣଙ୍କୁ ଧରି ନିଜ ପିଠି ନିଜେ ଥାପୁଡ଼ାଉଛି ପୋଲିସ। ଏରାଗୋଲା ଗ୍ୟାଙ୍ଗର ଏପରି ଆତଙ୍କ ପଛରେ ପୋଲିସର ଦୁର୍ବଳ ପ୍ରଦର୍ଶନ ଦାୟୀ ବୋଲି ଜିଲାବାସୀ ଅଭିଯୋଗ କରୁଛନ୍ତି।**

**ଅନୁଗୋଳ ଅଫିସ, ୭।୬**

ଅନୁଗୋଳ ଜିଲା ପୋଲିସ ପାଇଁ ଚ୍ୟାଲେଞ୍ଜ ପାଲଟିଛି ଏରାଗୋଲା ଗ୍ୟାଙ୍ଗ। ଏହି ଗ୍ୟାଙ୍ଗର ନେଟୱର୍କ ଏବେ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଦେଖିବାକୁ ମିଳୁଛି। ଘଟିଚାଲିଥିବା ଗୋଟିଏ ପରେ ଗୋଟିଏ ଲୁଟ୍ ଘଟଣା ଏହାର ପ୍ରମାଣ ଦେଉଛି। ହେଲେ ଦୀର୍ଘଦିନ ପରେ ବି ପୋଲିସ ହାତ ଖାଲି ପଡୁଛି। ଏକାଧିକ ମାମଲାର ତଦନ୍ତ ସତ୍ତ୍ୱେ ଗ୍ୟାଙ୍ଗର ଅଧିକ ସଦସ୍ୟଙ୍କ ନିକଟରେ ପହଞ୍ଚି ପାରୁନି ଆଇନର ଲମ୍ବା ହାତ। ଏହାର ସୁଯୋଗ ନେଇ ଅନୁଗୋଳ ସହର ସହ ଗ୍ରାମାଞ୍ଚଳରେ ମଧ୍ୟ ଆତଙ୍କ ଖେଳାଇଲେଣି ଏରାଗୋଲା ଗ୍ୟାଙ୍ଗ।

ଜିଲାବାସୀଙ୍କ କହିବା ଅନୁଯାୟୀ, ଏରାଗୁଲା ଗ୍ୟାଙ୍ଗର ସଦସ୍ୟମାନେ ଅନୁଗୋଳର ବିଭିନ୍ନ ସ୍ଥାନରେ ଘର ଭଡ଼ା ନେଇ ରହୁଛନ୍ତି। ଏମାନେ ବାହାର ଅଞ୍ଚଳରୁ ଆସିଥିବାରୁ ପ୍ରଥମେ ଅନୁଗୋଳର ବିଭିନ୍ନ ସ୍ଥାନ ବୁଲି ଦେଖୁଛନ୍ତି। କେଉଁଠି କେମିତି ଲୁଟ୍‌ପାଟ କରି ଖସିଯାଇ ହେବ ତାହାର ଅନୁଧ୍ୟାନ କରୁଛନ୍ତି। ଆଉ ଏହାପରେ ବ୍ୟାଙ୍କରୁ ଟଙ୍କା ଉଠାଉଥିବା ଲୋକ, ଡିପୋଜିଟ୍ ପାଇଁ ଆସିଥିବା ବ୍ୟବସାୟୀ, ଗହଣା କିମ୍ବା ମୂଲ୍ୟବାନ ସାମଗ୍ରୀ କିଣିବାକୁ ଆସିଥିବା ବ୍ୟକ୍ତିମାନଙ୍କୁ ଟାର୍ଗେଟ କରୁଛନ୍ତି। ସେମାନଙ୍କ ପିଛା କରି ସୁବିଧା ଦେଖି ଟଙ୍କା ବ୍ୟାଗ ଝାମ୍ପି ନେଉଛନ୍ତି। ନଚେତ ଡିକି ଭାଙ୍ଗି ଲୁଟ୍ କରୁଛନ୍ତି। ଏମାନେ ପାଖରେ ମୁନିଆ ଅସ୍ତ୍ର ରଖି ସେଥିରେ ଆଖି ପିଛୁଳାକେ ଡିକି ଖୋଲି ଦେଉଛନ୍ତି। ଆବଶ୍ୟକ ପଡ଼ିଲେ ଆକ୍ରମଣ ମଧ୍ୟ କରୁଛନ୍ତି। ଏଭଳି ଘଟଣା ଅନୁଗୋଳ ଟାଉନ୍ ଥାନା, ସଦର ଥାନା, ବନ୍ତଲା ଥାନା, ନାଲ୍‌କୋ ଥାନା, ବଅଁରପାଳ ଥାନା, ତାଳଚେର ଥାନା, ଜରପଡ଼ା ଥାନା, ପାଲଲହଡ଼ା ଥାନା ଅଞ୍ଚଳରେ ଦେଖିବାକୁ ମିଳୁଛି। କିଛିଦିନ ତଳେ ଅନୁଗୋଳ ବସ୍ ଟର୍ମିନାଲରେ ଆଙ୍ଗୁଲା ଅଞ୍ଚଳର କପିଳ ସେନାପତିଙ୍କ ବାଇକ୍ ଡିକିରୁ ଏମାନେ ଟଙ୍କା ଲୁଟିବାକୁ ଉଦ୍ୟମ କରିଥିଲେ। ହେଲେ ଗ୍ୟାଙ୍ଗର ଜଣେ ସଦସ୍ୟ ଗଞ୍ଜାମ ଜିଲା ଆସିକା ଅଞ୍ଚଳର ଏ. ଅଜାନା ରାଓ(୩୨)ଙ୍କୁ ଲୋକେ ଧରିନେଇ ପୋଲିସକୁ ଦେଇଥିଲେ। ପୋଲିସ ଅଜାନାଙ୍କୁ ଗିରଫ କରିଥିଲା। କିନ୍ତୁ ତାଙ୍କ ସହ ଥିବା ଅନ୍ୟ ଜଣଙ୍କୁ ଏଯାଏ ଧରିପାରି ନାହିଁ। ଏପରି କି ଅଜାନାଙ୍କୁ ପଚରା ଉଚରା କରିବାକୁ ଜିଲାର ବିଭିନ୍ନ ଥାନାରୁ ପୋଲିସ ଆସିଥିଲେ ମଧ୍ୟ ମାତ୍ର ଗୋଟିଏ ଥାନା ଅଞ୍ଚଳରେ ହୋଇଥିବା ଲୁଟ୍‌ପାଟର ତଥ୍ୟ ଆଦାୟ କରାଯାଇପାରିଛି। ଗତ ରବିବାର ଜଣେ ତେଜରାତି ବ୍ୟବସାୟୀଙ୍କ ନିକଟରୁ ଦେଢ଼ ଲକ୍ଷ ଟଙ୍କା ଲୁଟ୍ ହୋଇଥିଲା। ଏ ନେଇ ସୋମବାର ମାମଲା ହୋଇଥିଲେ ମଧ୍ୟ ପୋଲିସ ଅଦ୍ୟାବଧି ଲୁଟେରାଙ୍କୁ ଧରିପାରି ନାହିଁ। ଦିନକୁ ଦିନ ଲୁଟ୍‌ପାଟ ବଢୁଥିବାରୁ ଜିଲାବାସୀ ଆଶଙ୍କା ମଧ୍ୟରେ ରହିଛନ୍ତି। ଏ ନେଇ ଜିଲା ପୋଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ପୋଲିସ ତାହାର କାର୍ଯ୍ୟ କରୁଛି। ବିଭିନ୍ନ ମାମଲାରେ ଅଭିଯୁକ୍ତଙ୍କୁ ଧରାଯାଇ କୋର୍ଟ ଚାଲାଣ କରାଯାଉଛି। ଗ୍ୟାଙ୍ଗର ଅନ୍ୟ ସଦସ୍ୟମାନଙ୍କୁ କିପରି ଧରାଯିବ ସେ ନେଇ ପୋଲିସ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରୁଛି।

### ତଦନ୍ତ ପୁରୁଣା ଶୈଳୀରେ ସୀମିତ



ଅନୁଗୋଳ ଜିଲାରେ ଚୋରି, ଛିନ୍‌ତାଇ ଓ ଲୁଟପାଟ କରୁଥିବା ଏରାଗୋଲା ଗ୍ୟାଙ୍ଗକୁ ଧରିବାରେ ପୋଲିସ ସମ୍ପୂର୍ଣ୍ଣ ସକ୍ଷମ ହୋଇପାରୁ ନାହିଁ। ଜଣେ ଦୁଇଜଣଙ୍କୁ ଧରିଦେଇ କାମ ସରିଗଲା ବୋଲି ପୋଲିସ ଭାବିନେଉଛି। ଏହାଛଡ଼ା ତଦନ୍ତ ପ୍ରକ୍ରିୟାରେ ଆଧୁନିକ ଜ୍ଞାନ କୌଶଳ ବ୍ୟବହାର ନ କରି ପୁରୁଣା ଶୈଳୀରେ ତଦନ୍ତ କରାଯାଉଥିବାରୁ ପୋଲିସକୁ ସେପରି ସଫଳତା ମିଳିପାରୁ ନାହିଁ।

-ଡ. ନବଘନ ସାମଲ, ଉପସଭାପତି, କଣିହାଁ ବ୍ଲକ କଳା ସଂସ୍କୃତି ସଂଘ

### ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ



ଅନୁଗୋଳ ଜିଲାର ବିଭିନ୍ନ ଅଞ୍ଚଳରେ ଲୋକେ ଛିନ୍‌ତାଇ ଓ ଲୁଟ୍‌ର ଶିକାର ହେଉଛନ୍ତି। କିନ୍ତୁ ପୋଲିସ ପକ୍ଷରୁ ଏରାଗୋଲା ଗ୍ୟାଙ୍ଗ ବିରୋଧରେ ସେପରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଏପରି କି ଗିରଫ ହୋଇ ଜେଲ୍ ଯାଇଥିବା ଲୁଟେରାମାନେ ବେଲ୍‌ରେ ଆସି ପୁନର୍ବାର ଅପରାଧ ଘଟାଉଛନ୍ତି। ଏହାକୁ ରୋକିବା ଦିଗରେ ପୋଲିସ ତ୍ୱରିତ ପଦକ୍ଷେପ ନେଉ।

- କରୁଣାକର ବିଶ୍ୱାଳ, ଛେଣ୍ଡିପଦା

### ପୋଲିସ ଅପାରଗତାର ପ୍ରତିଫଳନ



ଗାଁରେ ଅନେକ ସମୟରେ ଚୋରି ଘଟଣା ଘଟୁଛି। ଏପରି କି ସହର ମଧ ସୁରକ୍ଷିତ ନୁହେଁ ବୋଲି ଏରାଗୋଲା ଗ୍ୟାଙ୍ଗର କାର୍ଯ୍ୟକଳାପରୁ ଅନୁଭବ ହେଉଛି। ବ୍ୟାଙ୍କରୁ ଟଙ୍କା ଉଠାଇବାକୁ କିମ୍ବା କିଛି ମୂଲ୍ୟବାନ ସାମଗ୍ରୀ କିଣିବାକୁ ଟଙ୍କା ନେଇ ସହରକୁ ଯିବାକୁ ଭୟ ଲାଗିଲାଣି। ପୋଲିସର ଅପାରଗତାରୁ ଲୋକଙ୍କୁ ଏପରି ଆଶଙ୍କା ମଧରେ ରହିବାକୁ ପଡୁଛି।

-ପ୍ରଦୀପ କୁମାର ସାହୁ, ପୁରୁଣାଗଡ଼

### ଲୁଟେରାଙ୍କ ଉପରେ କଡ଼ା ନଜର ରହୁନାହିଁ



ଅନୁଗୋଳ ସହରରେ ଚୋରି, ଲୁଟ୍‌ପାଟ ଏବେ ନିତିଦିନିଆ ଘଟଣା ହୋଇଗଲାଣି। ସଦର ଥାନାରେ ଆବଶ୍ୟକ କର୍ମଚାରୀ ନାହାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅଧା ଖଣ୍ଡିଆ ତଦନ୍ତ କରି ପୋଲିସ କାମ ସାରିଦେଉଛି। ଏପରି କି ଲୁଟେରାଙ୍କ ଉପରେ କଡ଼ା ନଜର ରଖୁନାହିଁ। ତେଣୁ ଆପରାଧିକ ଘଟଣା ବଢ଼ିବାରେ ଲାଗିଛି।

-ଅଲେଖ କୁମାର ସାହୁ, ଅନୁଗୋଳ

# ତାଳଚେରରେ ବନ୍ଦ ପାଳନ

**ତାଳଚେର,୭।୬(ନି.ପ୍ର.)**

ତାଳଚେରକୁ ନୂତନ ଜିଲା ଘୋଷଣା ଦାବିରେ ବୁଧବାର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୧୨ ଘଣ୍ଟିଆ ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ କରାଯାଇଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ଏହି ଆନ୍ଦୋଳନ କରାଯାଇଥିଲା। ଏହାର ବ୍ୟାପକ ପ୍ରଭାବ ତାଳଚେର ଓ କଣିହାଁ ଅଞ୍ଚଳରେ ଦେଖିବାକୁ ମିଳିଥିଲା। ବନ୍ଦ ପାଳନ ଯୋଗୁ କୋଇଲା ଖଣିର ଉତ୍ପାଦନ ଓ ପରିବହନ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ଆନ୍ଦୋଳନକାରୀମାନେ ଡେରା ଓଭରବ୍ରିଜ ନିକଟରେ କୋଇଲା ଟ୍ରେନ ଅବରୋଧ କରିବା ସହ ନାରାବାଜି ଦେଇଥିଲେ। ତାଳଚେର ବାଇପାସ ଛକ, ବହ୍ଲର ଛକ ଆଦି ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଭିନ୍ନ କାର୍ଯ୍ୟାଳୟରେ ମଧ୍ୟ ଆନ୍ଦୋଳନର ପ୍ରଭାବ ପରିଲକ୍ଷିତ ହୋଇଥିଲା। ତାଳଚେର ଷ୍ଟେଶନ, ଡେରା, ହାଣ୍ଡିଧୁଆ, ଶର୍ମାଛକ, ହାଟତୋଟା, ତାଳଚେର ଟାଉନ ଆଦିରେ ଦୋକାନ ବଜାର ବନ୍ଦ ରଖି ବ୍ୟବସାୟୀମାନେ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। କ୍ରିୟାନୁଷ୍ଠାନ କମିଟିର ପଦ୍ମଚରଣ ସାମଲ, ଚୈତନ୍ୟ ପ୍ରଧାନ, ଦିଗାମ୍ବର ଗଡ଼ନାୟକ, ଗଗନ ବିହାରୀ ଦାସ, ଭୂପେନ ଥମ୍ଭ, ଅଭୟ ପାଣି, ବିନୋଦ ଲାଲ, ଶୋଭାଗିନୀ ଦାସ, କେଶବ ଭୂତିଆ, ଜିନେଶ ସାହୁ, ରଞ୍ଜିତ ମହାପାତ୍ର, ବଳରାମ କୁଣ୍ଡ, ପ୍ରଦୀପ ଶତପଥୀ ପ୍ରମୁଖ ଏହି ବନ୍ଦ ପାଳନରେ ସାମିଲ ହୋଇଥିଲେ।



ବନ୍ଦ ପାଳନକାରୀଙ୍କ ଦ୍ୱାରା ରାସ୍ତା ଅବରୋଧ କରାଯାଇଛି।

# ଜବରଦଖଲ ନ ହଟିଲେ ୧୨ରୁ ଧାରଣା



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଗ୍ରାମବାସୀ।

**ଅନୁଗୋଳ ଅଫିସ, ୭।୬**

ଅନୁଗୋଳ ତହସିଲ ଅଧୀନ ପୁରୁଣାଗଡ଼ ମଦନମୋହନ ପାଟଣା ମୌଜା କନ୍ଧସାହି ରାସ୍ତାକୁ ଜବରଦଖଲମୁକ୍ତ କରା ନ ଗଲେ ଆସନ୍ତା ୧୨ ତାରିଖରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ କରାଯିବ ବୋଲି ବୁଧବାର ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ସେମାନେ ଜିଲାପାଳଙ୍କୁ ଭେଟି ୧୪ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବିପତ୍ରରେ ଗ୍ରାମବାସୀ ଦର୍ଶାଇଛନ୍ତି, କନ୍ଧସାହି ରାସ୍ତାକୁ ଜଣେ ଲୋକ ଜବରଦଖଲରେ ରଖିଛନ୍ତି। ଏହାକୁ ବିରୋଧ କଲେ ଜଣେ ମହିଳା ଓ ଅଞ୍ଚଳର କେତେଜଣ ପୁରୁଷ ହଇରାଣ ହରକତ କରୁଛନ୍ତି। ହତ୍ୟା ଧମକ ମଧ୍ୟ ଦେଉଛନ୍ତି। ଏ ନେଇ ପୂର୍ବରୁ ପ୍ରଶାସନକୁ ଅବଗତ କରାଯାଇଥିଲା। ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଗତ ୧ ତାରିଖରେ ଚିଠି ନଂ. ୩୮୨୯ରେ ପ୍ଲଟ ନଂ. ୧୪୬ରୁ ଜବରଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଅନୁଗୋଳ ତହସିଲ କାର୍ଯ୍ୟାଳୟରୁ ଜଣେ ଅତିରିକ୍ତ ତହସିଲଦାର ୨ ତାରିଖରେ ଉଚ୍ଛେଦ ପାଇଁ ଗ୍ରାମକୁ ଯାଇଥିଲେ ମଧ୍ୟ ଉଚ୍ଛେଦ ନ କରି ଫେରି ଆସିଥିଲେ। ମାଜିଷ୍ଟ୍ରେଟ୍ ଫେରିବା ପରେ ଗାଁରେ ଗଣ୍ଡଗୋଳ ହୋଇଥିଲା। ରାସ୍ତା ଜବରଦଖଲ ଯୋଗୁ ଗାଁ ଭିତରକୁ ଗାଡ଼ି, ଆମ୍ବୁଲାନ୍ସ, ଅଗ୍ନିଶ୍ରମ ଗାଡ଼ି ଯାତାୟାତ କରିପାରୁ ନାହିଁ। ଡ୍ରେନ୍ ନିର୍ମାଣ କରାଯାଇପାରୁ ନାହିଁ। ତୁରନ୍ତ ଏ ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଗ୍ରାମର ନବକିଶୋର ବେହେରା, ପଦ୍ମନାଭ ପାଳଶର୍ମା, ସୁମନ୍ତ ନାୟକ, ଶଙ୍କୁ ଭୋଇ, ପ୍ରଦୀପ କୁମାର ସାହୁ, ସରସ୍ୱତୀ ବେହେରା, ସୋନାଲିସା ଭୋଇ, ସୀମା ବେହେରା, ପ୍ରତିମା ବେହେରା, ସୁଭଦ୍ରା ଦେହୁରୀ, ଲିଲି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଅଂଶୁଘାତରେ ମୃତ୍ୟୁ ସନ୍ଦେହ

**ଅନୁଗୋଳ ଅଫିସ,୭।୬**

ଅନୁଗୋଳ ଜିଲା ମହୀଧରପୁର ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତ ବ୍ୟକ୍ତି ଜଣକ ହେଲେ କୁମୁରିସିଂହା ବଡ଼ବାହାଳ ଅଞ୍ଚଳର ପ୍ରଦ୍ୟୁମ୍ନ ସ୍ୱାଇଁ (୪୨)। ସୂଚନା ଅନୁଯାୟୀ, ପ୍ରଦ୍ୟୁମ୍ନ ମହୀଧରପୁରରେ ରହୁଥିବା ତାଙ୍କ ଝିଆରୀ ଘରକୁ ଯାଇଥିଲେ। ସେଠାରୁ ସେ ଘରକୁ ଆସିବା ପାଇଁ ମହୀଧରପୁର ଛକ ନିକଟରେ ସକାଳ ୯ଟା ବେଳେ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ସେ ଚେତାଶୂନ୍ୟ ହୋଇ ପଡି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଂଶୁଘାତରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଥିବା ବେଳେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡିବ ବୋଲି ଚିକିତ୍ସାଳୟ ପକ୍ଷରୁ ସୂଚନା ମିଳିଛି।

# ସମସ୍ୟା ସମ୍ପର୍କରେ ଆଲୋଚନା

**ବଇଣ୍ଡା,୭।୬(ଡି.ଏନ.ଏ.)**

କିଶୋରନଗର ବ୍ଲକ ନୁନୁକାପଶି କଲ୍ୟାଣ ମଣ୍ଡପ ପରିସରରେ ମଙ୍ଗଳବାର ଶଙ୍ଖାରୀ ସମାଜର ଜିଲାସ୍ତରୀୟ ସମାଜ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଋଷିନାଥ ଶଙ୍ଖାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କାର୍ତ୍ତିକ ବେହେରା, ମୁରଲୀଧର ଦ୍ୱାରୀ, ବୈଷ୍ଣବ ଚରଣ ଶଙ୍ଖାରୀ, ଶିବାଜୀ ବେହେରା, ବିନୋଦ ଶଙ୍ଖାରୀ, ଈଶ୍ୱର ଶଙ୍ଖାରୀ ଲକ୍ଷ୍ମଣ ବେହେରା, ଦିଲୀପ ବେହେରାଙ୍କ ସମେତ ବହୁ ସମାଜର ସଭ୍ୟ ଯୋଗ ଦେଇଥିଲେ। ଏଥିରେ ସମାଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମସ୍ତ ସଦସ୍ୟ କିଭଳି ସମାଜର ନୀତି ଆଦର୍ଶକୁ ଗ୍ରହଣ କରି ଚଳିବେ ସେ ସମ୍ପର୍କରେ ଅତିଥିମାନେ ଉପସ୍ଥିତ ସଭ୍ୟଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ବିବାହ ସମୟରେ ଯୌତୁକ ପ୍ରଥାକୁ ସମାଜ ପକ୍ଷରୁ ବିରୋଧ କରାଯିବା ସହ ବାଲ୍ୟବିବାହକୁ ସମସ୍ତେ ବିରୋଧ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଗୋବିନ୍ଦ ଶଙ୍ଖାରୀ ପରିଚାଳନା କରିଥିଲେ।



ବୈଠକରେ ଉପସ୍ଥିତ ଶଙ୍ଖାରୀ ସମାଜର ସଦସ୍ୟମାନେ।

# ଏନ୍‌ଟିପିସି ପକ୍ଷରୁ 'ମିଡିଆ ପ୍ରଶଂସା ଅଧିବେଶନ'

**କଣିହାଁ,୭।୬(ଡି.ଏନ୍.ଏ.)**

କଣିହାଁସ୍ଥିତ ଏନ୍‌ଟିପିସିଠାରେ ଚାଲିଥିବା ବାଳିକା ସଶକ୍ତୀକରଣ ମିଶନ କର୍ମଶାଳା (ଜିଇଏମ) ୨୦୨୩ ଉପରେ ଏକ 'ମିଡିଆ ପ୍ରଶଂସା ଅଧିବେଶନ' ବୁଧବାର ଆନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କମ୍ପାନୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ.ଏସ. ସୁନ୍ଦରାମ ଯୋଗଦେଇ କହିଲେ ଯେ, ଏନ୍‌ଟିପିସି ଦେଶର ୪୧ଟି ସ୍ଥାନରେ ଜିଇଏମ୍ ଆବାସିକ କର୍ମଶାଳା ଆୟୋଜନ କରିଥିଲା। ଏଥିରେ ୨୭୦୦ରୁ ଉର୍ଦ୍ଧ୍ୱ ବାଳିକା ଉପକୃତ ହୋଇଥିଲେ। କଣିହାଁ ଏନ୍‌ଟିପିସିଠାରେ ୪ ସପ୍ତାହ ଧରି ଚାଲିଥିବା ଏହି କର୍ମଶାଳାରେ ନିକଟସ୍ଥ ୨୦ଟି ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ପ୍ରାୟ ୧୨୦ ଛାତ୍ରୀ ଅଂଶଗ୍ରହଣ କରିଥିବା ନିର୍ଦ୍ଦେଶକ ପ୍ରକାଶ କରିଥିଲେ। ଏହି ଅବସରରେ ଟାଉନଶିପ୍ ମନୋରଞ୍ଜନ କେନ୍ଦ୍ରଠାରେ ଛାତ୍ରୀମାନଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗଣମାଧ୍ୟମ ବ୍ୟକ୍ତି ବିଶେଷଙ୍କୁ ଜିଇଏମ କାର୍ଯ୍ୟକ୍ରମ ଉପରେ ଅବଗତ କରାଯାଇଥିଲା। ସେହିପରି ଜିଇଏମ ଅଂଶଗ୍ରହଣକାରୀଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟକଳାପର ଉପରେ ସୂଚନା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଏମ୍ (ଓଆଣ୍ଡଏମ) ଏ. କେ. ସେହଗଲ, ଜିଏମ୍ (ଏଏଚ୍‌ଡି) ସତ୍ୟ ରାମ କୃଷ୍ଣ, ଏଜିଏମ୍ (ସିଏସ୍‌ଆର୍) ରଫିକ୍ଲ ଇସଲାମ, ଏଜିଏମ୍ (ଏଚ୍‌ଆର୍) ବି.କେ. ପାଣ୍ଡେ ଉପସ୍ଥିତ ଥିଲେ।




ଛାତ୍ରୀମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

# ଉଚ୍ଛେଦ ନୋଟିସ ରଦ୍ଦ ଦାବିରେ ଆନ୍ଦୋଳନ

**ଅନୁଗୋଳ ଅଫିସ, ୭।୬**

ଅନୁଗୋଳ ଷ୍ଟାଡିୟମ ପରିସର ହାଇସ୍କୁଲ ପଡ଼ିଆରେ ଥିବା ଆମ୍ବେଡକର ଭବନ ଓ ପ୍ରତିମୂର୍ତ୍ତି ଉଚ୍ଛେଦ ପାଇଁ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ନୋଟିସକୁ ରଦ୍ଦ ପାଇଁ ବାବା ସାହେବ ଆମ୍ବେଡକର ଫାଉଣ୍ଡେଶନ ପକ୍ଷରୁ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଜାଗାକୁ ପ୍ରଶାସନ ନିଃଶୁଳ୍କ ଭାବେ ଫାଉଣ୍ଡେଶନକୁ ପ୍ରଦାନ କରିବାକୁ ଦାବି କରାଯାଇଛି।

ଦାବିପତ୍ରରେ ଦର୍ଶାଯାଇଛି, ଦୀର୍ଘ ୪୦ ବର୍ଷ ହେଲା ପରିତ୍ୟକ୍ତ ଅବସ୍ଥାରେ ଥିବା ସ୍ଥାନକୁ ପୁନରୁଦ୍ଧାର କରାଯାଇ ସେଠାରେ ଫାଉଣ୍ଡେଶନର ଗୃହ ନିର୍ମାଣ କରାଯାଇଛି। ଏଠାରେ ମଧ୍ୟ ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ପିଲାମାନେ ରହି ପାଠ ପଢୁଥିଲେ। ମହତ୍ ଉଦ୍ଦେଶ୍ୟ ରଖି ଗଢ଼ାଯାଇଥିବା ଫାଉଣ୍ଡେଶନ ଗୃହ ଓ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିକୁ ପ୍ରଶାସନ ପକ୍ଷରୁ ବେଆଇନ ଭାବେ ଗଢ଼ା ଯାଇଥିବା ଦର୍ଶାଯିବା ସହ ଏହାକୁ କାହିଁକି ଉଠାଯିବ ନାହିଁ ସେ ନେଇ ଗତ ମେ ୨ ତାରିଖରେ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ଏହାପରେ ଉକ୍ତମାସ ୧୮ ତାରିଖରେ ଉଚ୍ଛେଦ ପାଇଁ ନୋଟସ୍ କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ ମଠ, ମନ୍ଦିର, ଧର୍ମାନୁଷ୍ଠାନ ସରକାରୀ ଜାଗାରେ ରହିଥିଲେ ମଧ୍ୟ ତାହା ଉଚ୍ଛେଦ କରାଯାଉନାହିଁ। କିନ୍ତୁ ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ହାଇସ୍କୁଲ ପଡ଼ିଆରେ ହୋଇଥିବା ଆମ୍ବେଡକର ଭବନ ଓ ପ୍ରତିମୂର୍ତ୍ତିକୁ ଉଚ୍ଛେଦ କରିବା ପ୍ରୟାସ ନିନ୍ଦନୀୟ। ଏ ନେଇ ଫାଉଣ୍ଡେଶନର ଚେୟାରମ୍ୟାନ ପ୍ରହଲ୍ଲାଦ ନାୟକଙ୍କ ନେତୃତ୍ୱରେ ସମ୍ପାଦକ ଅଭିରାମ ମଲିକ, ପ୍ରଦ୍ୟୁମ୍ନ କୁମାର ନାଏକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା, କଂଗ୍ରେସ ନେତ୍ରୀ ସସ୍ମିତା ବେହେରା ପ୍ରମୁଖ ଅନୁଗୋଳ ଷ୍ଟାଡିୟମରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ। ଘଟଣା ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି, ମାମଲାଟି ଏବେ ନ୍ୟାୟାଳୟରେ ରହିଛି। ଆଇନଗତ ନିଷ୍ପତ୍ତିକୁ ସମ୍ମାନ ପ୍ରଦାନ କରାଯିବ।




ଆମ୍ବେଡକର ଫାଉଣ୍ଡେଶନ ପକ୍ଷରୁ ଆନ୍ଦୋଳନ କରାଯାଉଛି।

